## ଜୀବଜନ୍ତୁଙ୍କ ପ୍ରତି ଅନାବଶ୍ୟକ ଯନ୍ତ୍ରଣା ପରିହାର

# ଜୀବେ ଦୟା ଓ ଜୀବ ନିଷ୍ଠୁରତା ନିରାକରଣ

■ ହୃଷିକେଶ ପଟ୍ଟନାୟକ
ଇନସପେକ୍ଟର, ଏ.ପି.ସି.ଏ., କଟକ

ସାଧାରଣତଃ ଆମେ ଜୀବେ ଦୟା (Kindness towards animals) ଓ ଜୀବ ନିଷ୍ଠୁରତା ନିରାକରଣ (Prevention of cruelty to Animals)କୁ ଏକାର୍ଥବୋଧକ ଶବ୍ଦଭାବେ ଗ୍ରହଣ କରିଥାଉ । କିନ୍ତୁ ବାସ୍ତବ ପକ୍ଷେ ଦେଖିବାକୁ ଗଲେ ଯାହା ଜୀବେ ଦୟା ତାହା ଜୀବ ନିଷ୍ଠୁରତା ନିରାକରଣ ନୁହେଁ । ଜୀବେ ଦୟା ହେଉଛି ଏକ ଅତି ବ୍ୟାପକ ତତ୍ତ୍ୱ ଯାହା ବର୍ତ୍ତମାନର ସାମାଜିକ ଦୃଷ୍ଟିକୋଣରୁ ପରିଚାଳନା କରିବା ସମ୍ପୂର୍ଣ୍ଣଭାବେ ଅସମ୍ଭବ ଅଟେ । ଯଦି ଜଣେ ଲୋକ ଅତି ନିଷ୍ଠାର ସହିତ 'ଜୀବେଦୟା' ବ୍ରତ ପାଳନ କରିବ, ତେବେ ତାକୁ

ସ୍ଥାବର-ଜଙ୍ଗମ-କୀଟରୁ ପତଙ୍ଗ ନୀତିରେ ସବୁଠାରେ ଜୀବସତ୍ତା ଉପଲବ୍ଧ କରିବାକୁ ହେବ ଏବଂ ତାକୁ ଖାଇବା, ପିଇବା, ଶୋଇବା ଓ ଚାଲିବା ଆଦି ଦୈନନ୍ଦିନ କାର୍ଯ୍ୟାବଳୀରୁ ବିରତ ରହିବାକୁ ପଡ଼ିବ । କାରଣ ଆମର ଖାଦ୍ୟ ପାନୀୟ ଦ୍ୱାରା ଅନେକ ଜୀବଜନ୍ତୁ ମୃତ୍ୟୁ ବରଣ କରିଥାନ୍ତି । ପାକ ପ୍ରସ୍ତୁତ ବେଳେ ଅନେକ କୀଟ ପତଙ୍ଗ ନିଆଁରେ ଝାସ ଦେଇ ମରିଥାନ୍ତି । ଖାଦ୍ୟ ପାକୁଳି ବେଳେ ପାଟିରେ ଥିବା ଅନେକ ଜୀବଙ୍କୁ ଓ ଝାଡ଼ା ଯିବାବେଳେ ଅନେକ କୃମି ଆଦିଙ୍କ ଦୈନିକ ବିନାଶ ମନୁଷ୍ୟ ଦ୍ୱାରାହିଁ ହୋଇଥାଏ । ଔଷଧ ସେବନଦ୍ୱାରା ଆମ ଶରୀରରେ ଥିବା ଅସଂଖ୍ୟ ପରଜୀବୀ (Parasite)ଙ୍କର ପତନ ହୋଇଥାଏ । ନିଶ୍ୱାସ ଦ୍ୱାରା ଆମ ନାକ ଦେଇ ଅନେକ କୀଟପତଙ୍ଗ ପଶି ମଧ୍ୟ ମୃତ୍ୟୁବରଣ କରିଥାନ୍ତି । ଶୋଇବାବେଳେ ମଶା ଓ ଓଡ଼ଶ ପାଇଁ ବ୍ୟବହୃତ ମଶାଧୂପ ଓ କୀଟନାଶକ ଜୀବମାନଙ୍କ ମୃତ୍ୟୁର କାରଣ ହୋଇଥାଏ । ଚାଲିବାବେଳେ ପାଦରେ ଦଳିହୋଇ ଅନେକ ଜୀବ ଇହଲୀଳା ସମ୍ବରଣ କରିଥାନ୍ତି । କୃଷି କାର୍ଯ୍ୟରେ ବ୍ୟବହୃତ କୀଟନାଶକ ଔଷଧଦ୍ୱାରା ମାଟିରୁ ଓ ପରିବେଶରୁ ବହୁ ଜୀବଜନ୍ତୁଙ୍କ କ୍ଷୟକ୍ଷତି ଘଟିଥାଏ । ମାଛ, ମାଂସ ଓ ଅଣ୍ଡାକୁ ଖାଦ୍ୟ ଭାବେ ବ୍ୟବହାର କରିବା ଯୋଗୁଁ ବହୁ ପଶୁପକ୍ଷୀଙ୍କ ବିଲୋପ ସାଧନ ହୋଇଥାଏ । ଏଣୁ ଜୀବଜନ୍ତୁଙ୍କ ପ୍ରତି ଦୟା ପ୍ରଦର୍ଶନ ସାମଗ୍ରିକ ପୃଷ୍ଠଭୂମିରୁ ପ୍ରୟୋଗାତ୍ମକ ନୁହେଁ । ବରଂ 'ଜୀବ ନିଷ୍ଠୁରତା ନିରାକରଣ' ହେଉଛି 'ଜୀବେଦୟା' ତତ୍ତ୍ୱର ପରିମାର୍ଜିତ, ଆଦର୍ଶଗତ, ବୈଜ୍ଞାନିକ ଏବଂ ସତ୍ୟସିଦ୍ଧ ସଂସ୍କରଣ, ଯାହାଦ୍ୱାରା କି ଆବଶ୍ୟକ ଜୀବେଦୟା ହିଁ ପ୍ରତିପାଦନ କରାଯାଇପାରେ । ସାଂପ୍ରତିକ ସମାଜର ଅଶେଷ ହିତ ସାଧନ କରାଯାଇପାରେ ଏବଂ ସର୍ବୋପରି ଆଦର୍ଶ ରାଷ୍ଟ୍ର ଗଠନର ସ୍ୱପ୍ନକୁ ସାକାର କରାଯାଇପାରେ ।

ପୃଥିବୀର ପ୍ରତିଟି ସାର୍ବଭୌମ୍ୟ ଗଣତାନ୍ତ୍ରିକ ରାଷ୍ଟ୍ରରେ ଜୀବଜନ୍ତୁଙ୍କ ମଙ୍ଗଳ ପାଇଁ ଆଇନମାନ ତିଆରି କରାଯାଇଅଛି





ଯେଉଁଥିରେ କେବଳ ଆମେ ଜୀବନିଷ୍ଠୁରତା ନିରାକରଣ (Prevention of cruelty to animals) ଶବ୍ଦଟିର ପ୍ରୟୋଗମାତ୍ର ଦେଖିପାରିବା । ଆଇନଗୁଡ଼ିକ ହୁଏତ ସରକାରୀ କିମ୍ବା ବେସରକାରୀ କିମ୍ବା ଧର୍ମ ଭିତ୍ତିକ ହୋଇପାରେ । କିନ୍ତୁ ସେଗୁଡ଼ିକ ସାଧାରଣତଃ ପ୍ରଚଳିତ ସାମାଜିକ ବ୍ୟବସ୍ଥାର ପୃଷ୍ଠଭୂମିକୁ ନେଇ ପର୍ଯ୍ୟବେକ୍ଷିତ ହେବା ଦରକାର । ଯେଉଁ ଆଇନ ଗୁଡ଼ିକ ସାମାଜିକ ବ୍ୟବସ୍ଥାକୁ ନେଇ ଯୁଗୋପଯୋଗୀ ନୁହେଁ, ସେପରି ଆଇନ କାଳକ୍ରମେ ନିଷ୍କ୍ରିୟ ହୋଇପଡ଼େ । ଭାରତର ଜୈନଧର୍ମର ପ୍ରଭାବ କାଳକ୍ରମେ ବିଲୀନ ହୋଇଯାଇଛି । ଏହାର ଏକମାତ୍ର କାରଣ ହେଉଛି, ଏହାର ଅତିଶଯ୍ୟତା, ଅତି କଠୋରବାଦତା ଏବଂ ଜୀବେଦୟା ଭାବ ପ୍ରବଣତା, ଯାହା ସାଧାରଣ ମନୁଷ୍ୟ ପକ୍ଷେ ସହଜସାଧ୍ୟ ନୁହେଁ । ଏଣୁ 'ଜୀବେଦୟା' ଶବ୍ଦର ପରିବର୍ତ୍ତେ 'ଜୀବ ନିଷ୍ଠୁରତା ନିରାକରଣ' ନାମକରଣଟିର ବ୍ୟବହାର ସର୍ବତ୍ର ଦୃଷ୍ଟିଗୋଚର ହେଉଅଛି । ପୃଥିବୀର ପ୍ରଥମ ଜୀବମଙ୍ଗଳ ସମିତି ଗଠନ କରାଯାଇଥିଲା ଇଂଲଣ୍ଡରେ ୧୮୨୪ ମସିହା ଜୁନ୍ ୧୬ତାରିଖରେ ଯେଉଁଥିରେ ଜୀବ ନିଷ୍ଠୁରତା ନିରାକରଣ ନାମକୁ ଉଲ୍ଲେଖ କରାଯାଇ Society for prevention of cruelty to animals ରଖାଗଲା । ସେହିପରି ଆମ ସମ୍ବିଧାନ ପ୍ରଣୟନ ବେଳେ ଜୀବ ନିଷ୍ଠୁରତା ନିରାକରଣ ନାମଟିକୁ ସାମ୍ବିଧାନିକ ସ୍ୱୀକୃତି ଦିଆଯାଇଛି । ଭାରତର ଜୀବମଙ୍ଗଳ ପାଇଁ ପ୍ରଣିତ ଏକମାତ୍ର ଆଇନକୁ ଜୀବ ନିଷ୍ଠୁରତା ନିରାକରଣ ଆଇନ ୧୯୬୦ (The prevention of cruelty to animals Act 1960) ନାମରେ ନାମିତ କରାଯାଇଛି ।

ଏଥର ୧୯୬୦ ମସିହାର ଉପରୋକ୍ତ ଆଇନକୁ ତର୍ଜମା କରାଯାଉ । ଏହି ଆଇନରେ ସର୍ବମୋଟ ୪୧ଟି ଧାରା ଅଛି ଓ ଆଇନଟିକୁ ୬ଟି ଅନୁଚ୍ଛେଦରେ ବିଭକ୍ତ କରାଯାଇଅଛି । ପ୍ରଥମ ଅନୁଚ୍ଛେଦରେ ଆଇନର ସଂକ୍ଷିପ୍ତ ନାମକରଣ, ଉପଯୋଗସ୍ଥାନ, ସଂଜ୍ଞା ତଥା ପଶୁପକ୍ଷୀ ରଖିଥିବା ବ୍ୟକ୍ତିଙ୍କର କର୍ତ୍ତବ୍ୟ ସଂପର୍କରେ ସବିଶେଷ ବିବରଣୀ ସ୍ଥାନ ପାଇଛି । ଏହି ଅନୁଚ୍ଛେଦରେ ୩ୟ ଧାରାରେ ଭାରତୀୟ ଜନସାଧାରଣ ଯେ ପଶୁପକ୍ଷୀଙ୍କୁ ନିଜ ଦାୟିତ୍ୱରେ ରଖିଥିବେ;

ସେମାନଙ୍କ ପ୍ରତି ଅନାବଶ୍ୟକ ଯନ୍ତ୍ରଣା ଓ ନିର୍ଯ୍ୟାତନା (unnecessary pain and suffering)ର ଉପଶମ ପାଇଁ ଆବଶ୍ୟକ ପଦକ୍ଷେପ ନେବା ବାଞ୍ଛନୀୟ ବୋଲି ଉପଦେଶ ଦିଆଯାଇଛି । ଦ୍ୱିତୀୟ ଅନୁଚ୍ଛେଦରେ ଭାରତୀୟ ଜୀବମଙ୍ଗଳ ପରିଷଦର ଗଠନ, ଲକ୍ଷ୍ୟ, ସମ୍ବଳ ସଂଗ୍ରହ ଓ କାର୍ଯପ୍ରଣାଳୀ ସଂପର୍କରେ ସୂଚନା ଦିଆଯାଇଛି । ଭାରତୀୟ ଜୀବମଙ୍ଗଳ ପରିଷଦ କେବଳ ପଶୁପକ୍ଷୀଙ୍କ ପ୍ରତି ଅନାବଶ୍ୟକ ଯନ୍ତ୍ରଣା ଓ ନିର୍ଯ୍ୟାତନାର ନିରାକରଣ ପାଇଁ ଆବଶ୍ୟକ ପଦକ୍ଷେପ ନେଇପାରିବେ ବୋଲି ଧାରା- ୪ରେ ନିର୍ଦ୍ଦେଶ ଦିଆଯାଇଛି । ତୃତୀୟ ଅନୁଚ୍ଛେଦରେ ଆମ ସମାଜରେ ସାଧାରଣତଃ ଘଟୁଥିବା ପଶୁପକ୍ଷୀଙ୍କ ପ୍ରତି ବହୁବିଧ ନିଷ୍ଠୁରତା ଗୁଡ଼ିକର ଅନୁଶୀଳନ କରାଯାଇଛି । ଏଥିରେ ୩ଟି ଧାରା ଅଛି । ସେଗୁଡ଼ିକ ହେଲା ୧୧, ୧୨, ୧୩ ଧାରା । ୧୧ ଧାରାର ୧୧(୧)(କ) ଠାରୁ ୧୧(୧)(ଘ) ପର୍ଯ୍ୟନ୍ତ ୧୫ଟି ଉପଧାରା ଅଛି । ଏହି ଏହି ଉପଧାରା ଗୁଡ଼ିକ ଦେଖିଲେ ଜଣାଯାଏ, ପ୍ରତ୍ୟେକ ଉପଧାରାରେ ଅନାବଶ୍ୟକ ଯନ୍ତ୍ରଣା ଓ ନିର୍ଯ୍ୟାତନା ପାଇଁ ଦଣ୍ଡବିଧାନ କରାଯାଇଛି । ୧୧(୩)(ଢ) ଧାରାରେ ମାଂସ ଉଦ୍ଦେଶ୍ୟରେ ପଶୁହତ୍ୟା କରାଯାଇପାରିବ ଯେଉଁ ହତ୍ୟା ପ୍ରଣାଳୀରେ ଅଯଥା କଷ୍ଟ ଓ ନିର୍ଯ୍ୟାତନା ନଥିବ ବୋଲି ଉଲ୍ଲେଖ ଅଛି । ୪ର୍ଥ ଅନୁଚ୍ଛେଦରେ ଗବେଷଣା ପାଇଁ ପଶୁପକ୍ଷୀଙ୍କୁ ବ୍ୟବହାର କରାହେବ; କିନ୍ତୁ ସେମାନଙ୍କୁ ଅନାବଶ୍ୟକ କଷ୍ଟ ଓ ଯନ୍ତ୍ରଣା ଦିଆହୋଇପାରିବ ନାହିଁ । ସେହିପରି ୫ମ ଅନୁଚ୍ଛେଦରେ ପଞ୍ଜୀକୃତ କେତେକ ଅନୁମୋଦିତ ପଶୁପକ୍ଷୀଙ୍କୁ ନେଇ ମନୋରଞ୍ଜନ କାର୍ଯ୍ୟକ୍ରମ କରିବେଷଣ କରାଯାଇପାରିବ କିନ୍ତୁ ସେମାନଙ୍କୁ ତାଲିମ ପ୍ରଦାନ ବେଳେ ଓ ମନୋରଞ୍ଜନସ୍ଥଳୀରେ ଖେଳ ଦେଖାଇବା ବେଳେ ଅଯଥା କଷ୍ଟ ଓ ଯନ୍ତ୍ରଣା ଦିଆଯାଇପାରିବ ନାହିଁ । ମୋଟ ଉପରେ ଉପରୋକ୍ତ ଆଇନକୁ ଦେଖିଲେ ଜୀବ ନିଷ୍ଠୁରତା ନିରାକରଣର ତାତ୍ପର୍ଯ୍ୟ କହିଲେ ପଶୁପକ୍ଷୀଙ୍କୁ ଅନାବଶ୍ୟକ ଦୁଃଖ ଓ ଯନ୍ତ୍ରଣା (unnecessary pain & suffering) ଦେବା ହିଁ ବେଆଇନ । ନିହାତି ଆବଶ୍ୟକ କଷ୍ଟ ଓ ନିଷ୍ଠୁରତା ଜନମଙ୍ଗଳ ପାଇଁ କରିବା ଅପରିହାର୍ଯ୍ୟ ଅଟେ ।

ଏଣୁ ସର୍ବଶେଷରେ ଏହା କୁହାଯାଇପାରେ ଯେ ଜୀବେ ଦୟା ନାମରେ କୌଣସି ବ୍ୟକ୍ତି ବିଶେଷ ବା ଅନୁଷ୍ଠାନ ଜୀବ ନିଷ୍ଠୁରତା ନିରାକରଣର ଅପଭ୍ରଂଶ କରି "ଗାଈ କ୍ଷୀର ପିଇବା ଉଚିତ ନୁହେଁ" "ଚମଡ଼ା ଚପଲ ଲଗାଇବା ଉଚିତ ନୁହେଁ" - ଆଦି ମୌଳିକବାଦୀ ତଥ୍ୟ ଜନସାଧାରଣରେ ଉପସ୍ଥାପନ କରିବା ସଂପୂର୍ଣ୍ଣରୂପେ ଆମ ସମ୍ବିଧାନ ବିରୋଧି ଏବଂ ବେଆଇନ ମଧ୍ୟ ।

❖ ❖ ❖